## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ ।

(ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାହାଦଲପୁର ଗ୍ରାମ ଠାରେ ଖୋର୍ଦ୍ଧା ଡିଭିଜନ ର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୬ କିମି ଠାରେ ଏଲ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ)

### ବୈଧାନୀକ ବ୍ୟବସ୍ଥା

ବାହାଦଲପୁର ଗ୍ରାମସ୍ଥ ଖୋର୍ଦ୍ଧା ରେଳ ଡିଭିଜନ ର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ଅବସ୍ଥିତ ଏଲ ସି ନମ୍ବର ୧୯୧ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ମୌଜା- ବାହାଦଲପୁର ରୁ ଏ. ୦.୦୮୦ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପୂର୍ବତଟ ରେଳ, ଖୋର୍ଦ୍ଧା ରୋଡ ଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

### ଅଧିସୂଚନା

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଭୁବନେଶ୍ୱର | ବାହାଦଲପୁର | ଏ. ୦.୦୮୦ | ୨୦୧୩୨ / ରାବିପ ତା ୦୧.୦୬.୨୦୧୮ ରିଖ |

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର 'ଏରା କନସଲଟାନ୍ସି ପ୍ରାଇଭେଟ ଲିମିଟେଡ' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଇଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ବାହାଁଦଲପୁର ମୌଜା ଅନ୍ତର୍ଗତ ଚନ୍ଦନ ପଡିଆ ଠାରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣି ର ବିଷଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣିତ ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସି ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତି କରିବା ସହ ନିଜର ଜମିକୁ ଉକ୍ତ ପ୍ରକଳ୍ପ ପାଇଁ କାର୍ଯ୍ୟ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପୂର୍ବତଟ ରେଳ, ଖୋର୍ଦ୍ଧା ରୋଡ ଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ଉକ୍ତ ଜନଶୁଣାଣୀ ଶ୍ରୀ ଚିତ୍ତ ରଞ୍ଜନ ରାଉତରାୟ, ସରପଞ୍ଚ, ରଣସିଂହପୁର ଗ୍ରା.ପ ମହାଶୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରିଗଣ ଉପସ୍ଥିତ ଥିଲେ ।

୧. ଶ୍ରୀମତୀ ପୁଷ୍ପଲତା ସାହୁ, ଓ.ପ୍ର.ସେ, (ବରିଷ୍ଠ), ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

୨. ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ବଢେଇ, ଅତିରିକ୍ତ ତହସିଲଦାର, ଭୁବନେଶ୍ୱର

୩. ଶ୍ରୀଯୁକ୍ତ ସରୋଜ କାନ୍ତ ଦାସ, ବରିଷ୍ଠ ଉପ ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ

୪. ଶ୍ରୀଯୁକ୍ତ ବ୍ରଜବିହାରୀ ମିଶ୍ର, ବରିଷ୍ଠ କ୍ଷେତ୍ର ପରିଦର୍ଶନକାରୀ, ସାମାଜିକ ପ୍ରଭାବ ଆକଳନ ସଂସ୍ଥା

ଏତଦବ୍ୟତୀତ, ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ଅଧିକାରୀ ବୃନ୍ଦ, ଜମି ହରାଉଥିବା ପରିବାର ଓ ବାହାଦଲପୁର ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣି ରେ ଅଂଶଗ୍ରହଣ କରିଥିଲେ ।

ଏହି ଜନଶୁଣାଣିର ପ୍ରାରମ୍ଭରେ ଶ୍ରୀଯୁକ୍ତ ବ୍ରଜବିହାରୀ ମିଶ୍ର, ବରିଷ୍ଠ କ୍ଷେତ୍ର ପରିଦର୍ଶନକାରୀ, ସାମାଜିକ ପ୍ରଭାବ ଆକଳନ ସଂସ୍ଥା ନିଜର ପରିଚୟ ପ୍ରଦାନ କଲାପରେ ମଞ୍ଚ ଉପରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ । ଏହାପରେ କ୍ଷତିଗ୍ରସ୍ତ ପ୍ରଜା ମାନଙ୍କର ନାମ ଧାମ, ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ଓ ଉକ୍ତ ଜନଶୁଣାଣିର ଉଦ୍ଦେଶ୍ୟ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଏବଂ ଜମି ହରାଉଥିବା ଜମିମାଲିକଙ୍କୁ ଚିଠା ବିବରଣୀ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ପ୍ରକଳ୍ପ ନିର୍ମାଣ ହେଉଥିବା ଅଞ୍ଚଳରେ ଜନସାଧାରଣ, ଲୋକପ୍ରତିନିଧି, ସାମାଜିକ କର୍ମକର୍ତ୍ତା ତଥା ବରିଷ୍ଠ ନାଗରିଙ୍କ ସହ ସାକ୍ଷାତକାର ଓ ସମୂହ ଆଲୋଚନାଚକ୍ର ପରେ ସେମାନଙ୍କ ମତାମତ ଓ ପର୍ଯ୍ୟବେକ୍ଷଣ କୁ ନେଇ ଚିଠାଟି ସ୍ୱଷ୍ଟଭାବେ ପ୍ରସ୍ତୁତ କରାଯାଇଅଛି ।

ଭୂ-ଅର୍ଜନ ଅଧିକାରୀ ଶ୍ରୀମତୀ ପୁଷ୍ପଲତା ସାହୁ ତାଙ୍କର ବକ୍ତବ୍ୟରେ ଅଧିଗ୍ରହଣର ଆଇନଗତ ଉପଯୋଗୀତା ତଥା ଅଧିଗ୍ରହଣ ମାଧ୍ୟମରେ ପରିତୃପ୍ତିର ଆକାର ନିର୍ଦ୍ଧାରଣ ତଥା ତାର ମାନ ବିଷୟରେ ବିଶେଷ ଭାବେ ଉଲ୍ଲେଖ କରିଥିଲେ । ସେ ମନ୍ତବ୍ୟ ଦେଲେ ଯେ ନୂତନ ଜମି ଅଧିଗ୍ରହଣ ଆଇନ ଦ୍ୱାରା ପ୍ରସ୍ତାବିତ ଜମି ଅଧିଗ୍ରହଣ ହେବା ସହ ଜମି ମାଲିକ ମାନଙ୍କୁ ପ୍ରଚଳିତ ଆଇନ ର ବ୍ୟବସ୍ଥା ଅନୁଯାୟୀ ପ୍ରକୃତ କ୍ଷତିପୂରଣ ଦିଆଯିବ ।

ଜନଶୁଣାଣି ରେ ଉପସ୍ଥିତ ଥିବା ଜମି ମାଲିକ ମାନେ ଉକ୍ତ ପ୍ରକଳ୍ପର ନିର୍ମାଣ ଓ ସ୍ଥାନୀୟ ସମସ୍ୟା ଉପରେ ମନ୍ତବ୍ୟ ରଖିଥିଲେ ଯାହା କି ଜନଶୁଣାଣି ବିବରଣୀ ରେ ବର୍ଣ୍ଣନା କରାଯାଇଅଛି । ରେଳ ବିଭାଗ ଦ୍ୱାରା ନିର୍ମିତ ଅଣ୍ଡର ପାସ ଯୋଗୁଁ ବର୍ଷା ଜଳ ନିଷ୍କାସନ ରେ ହେଉଥିବା ସମସ୍ୟା, ଭାରିଯାନ ଚଳପ୍ରଚଳ କରିବାପାଇଁ ଅନ୍ୟତ୍ର ଏକ ଅଣ୍ଡର ପାସ ନିର୍ମାଣ ର ଆବଶ୍ୟକତା ତଥା ନିରପେକ୍ଷ ଭାବେ ଜମି ମାଲିକ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଆଦି ପ୍ରସଙ୍ଗ ଉପସ୍ଥିତ ଜମି ମାଲିକ ମାନେ ପ୍ରକାଶ କରିଥିଲେ ।

ସଭାରେ ଉପସ୍ଥିତ ରେଳ ବିଭାଗର ବରିଷ୍ଠ ଉପଖଣ୍ଡ ସ୍ତରୀୟ ଯନ୍ତ୍ରୀ ଗ୍ରାମବାସୀ ମାନଙ୍କ ଦ୍ୱାରା ଉପସ୍ଥାପିତ ସମସ୍ୟା ପ୍ରତି ରେଳ ବିଭାଗ ସମ୍ବେଦନଶିଳ ଥିବା ପ୍ରକାଶ କରିବା ସହ ଗ୍ରାମବାସୀ ମାନଙ୍କ ସହିତ ପରାମର୍ଶ ଓ ବିଚାର ଆଲୋଚନା କରି ସରଜମିନ ତଦନ୍ତ ପୂର୍ବକ ଉପଯୁକ୍ତ ସ୍ଥାନରେ ଅଣ୍ଡର ପାସ ନିର୍ମାଣ ଏବଂ ଜଳ ନିଷ୍କାସନ ର ସୁବନ୍ଦୋବସ୍ତ କରାଯିବ ବୋଲି ପ୍ରକାଶ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ପରିଶେଷରେ, ସଭାରେ ଅଧକ୍ଷତ କରୁଥିବା ସରପଞ୍ଚ ମହୋଦୟ ଗ୍ରାମବାସୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଦାବିଗୁଡିକୁ ଯଥା ଶିଘ୍ର ସମାଧାନ କରିବା ସହ କ୍ଷତିଗ୍ରସ୍ତ ଜମି ମାଲିକ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାପାଇଁ ପ୍ରଶାସନର ଦ୍ରୁଷ୍ଟି ଆକର୍ଷଣ କରିଥିଲେ ।

ଶେଷରେ ଉପଯୁକ୍ତ ସମସ୍ତ ଅଧିକାରୀ ଓ ଗ୍ରାମବାସୀ ମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରଯାଇଥିଲା ।

ପ୍ରକାଶନ (ଧାରା-୬)

ପ୍ରଭାବିତ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନ ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ।**

ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

<u>ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ</u>

୧. ଜିଲ୍ଲାପାଳ, ଖୋର୍ଦ୍ଧା
୨. ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ (ବରିଷ୍ଠ), ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା
୩. ଉପ-ଜିଲ୍ଲାପାଳ, ଭୁବନେଶ୍ୱର
୪. ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ)
୫. ଶ୍ରୀ ସରୋଜ କୁମାର ଦାସ, ଏ.ଡି.ଇ, ପୂର୍ବତଟ ରେଳ ପଥ, ଭୁବନେଶ୍ୱର
୬. ଶ୍ରୀ ଚିତ୍ତ ରଞ୍ଜନ ରାଉତରାୟ, ସରପଞ୍ଚ, ରଣସିଂହପୁର ଗ୍ରା.ପ
୭. ଶ୍ରୀ ପ୍ରଭାତ ପ୍ରଧାନ, ନାଏବ ସରପଞ୍ଚ, ରଣସିଂହପୁର ଗ୍ରା.ପ
୮. ପ୍ରକଳ୍ପ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ) ଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଗଲା ।

<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।</u>

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ

ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୦୭.୦୯.୨୦୧୮ ରିଖ ଅପରାହ୍ଣ ଘ. ୬.୦୦ ଣ୍ଟା ସମୟରେ ସ୍ପେଶାଲ ସର୍କିଟ ହାଉସ, ଭୁବନେଶ୍ୱର ସଭା ଗୃହରେ ଅନୁଷ୍ଠିତ କରାଯାଇଥିଲା ।

<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ</u>

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।ଏହି ପ୍ରକଳ୍ପ ନିମିତ୍ତ ଜମି ଅଧିଗୃହିତ ହେବାର ଆବଶ୍ୟକତା କୁ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

କ୍ଷତିଗ୍ରସ୍ତ ପରିବାର ମାନେ ହରାଉଥିବା ଜମିର ସଠିକ କ୍ଷତିପୂରଣ ପାଇବା ନିମନ୍ତେ ଆବଶ୍ୟକ ସତ୍ତ୍ୱଲିପି ପ୍ରସ୍ତୁତ କରିବା ପାଇଁ ତହସିଲରେ ବକେୟା ଥିବା ମୋକଦମ ମାନ ତୁରନ୍ତ ଫଏସଲା କରିବାପାଇଁ ତହସିଲଦାର, ଭୁବନେଶ୍ୱରଙ୍କୁ ଉପ-ଜିଲ୍ଲାପାଳ, ଭୁବନେଶ୍ୱର ମହାଶୟ ନିର୍ଦ୍ଦେଶ ଦେବାପାଇଁ ପ୍ରସ୍ତାବ ରଖାଗଲା ।

ଉକ୍ତ ଜମିର ବଜାର ଦର ନିର୍ଦ୍ଧାରଣ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଆଇନ ଆଧାରରେ ନିକଟତମ ମୌଜା ଗୁଡିକରେ ହୋଇଥିବା ସମସ୍ତ ବିକ୍ରି ଦଲିଲ ଗୁଡିକୁ ତର୍ଜମାକରି ସ୍ଥିର କରିବାକୁ ସହ କ୍ଷତିଗ୍ରସ୍ତ ଜମି ମାଲିକ ମାନେ ଯେପରି ସହଜ ଓ ସରଳ ଉପାୟରେ ସେମାନଙ୍କର କ୍ଷତିପୂରଣ ପାଇପାରିବେ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖାଗଲା ।

ଏହି ପ୍ରକଳ୍ପ ନିର୍ମାଣ ଶେଷ ହେବାପରେ ଗ୍ରାମବାସୀଙ୍କର ଦାବି ମୁତାବକ ସେମାନଙ୍କ ପାଇଁ ନିରାପଦ ପାନୀୟଜଳ ସୁବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖାଗଲା । ପୁନଶ୍ଚ ଉକ୍ତ ପ୍ରକଳ୍ପ ନିର୍ମାଣ ହେତୁ ଗୋଟିଏ ସର୍ବସାଧାରଣ ପୋଖରୀ ବ୍ୟବହାର ପାଇଁ ସାମୟିକ ଭାବେ ପ୍ରଭାବିତ ହେବ। ତେଣୁ ସ୍ଥାନୀୟ ଲୋକମାନଙ୍କ ବ୍ୟବହାର ନିମନ୍ତେ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷଜ୍ଞ ଦଳ ଏହି ଜମି ଅଧିଗ୍ରହଣରେ ସାମୁହିକ ସ୍ୱାର୍ଥ ଜଡିତ ରହିଛି ବୋଲି ହୃଦବୋଧ କଲେ, କାରଣ ଏହି ପ୍ରକଳ୍ପ ହେବା ଦ୍ୱାରା ଲୋକମାନଙ୍କର ଗମନା ଗମନ ଓ ପରିବହନ ସୁବିଧା ସହିତ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଧକ୍ଷ
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଖୋର୍ଦ୍ଧା